# ତହସିଲ କାର୍ଯ୍ୟାଳୟ ଡେରାବିଶ

## ସର୍ବସାଧାରଣ ବିଜ୍ଞପ୍ତି

### ଅପସାରଣ ମାମଲା ସଂଖ୍ୟା : ୪ /୨୦୨୨-୨୨

**ବିଜ୍ଞପ୍ତି ସଂଖ୍ୟା: ୪୮୬୭/ତା- ୩୦.୨.୨୨ ରିଖ**

ଏତଦ ଦ୍ୱାରା ମୌଜା ବଳଭଦ୍ରପୁରର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ Land Officer, IDCOଙ୍କ ଦ୍ୱାରା ନିମ୍ନରେ ବର୍ଣ୍ଣିତ ତଫସିଲ ବୃତ୍ତି ଉପରେ ଶିଳ୍ପ ଓ ତତ ସମ୍ବନ୍ଧୀୟ କାର୍ଯ୍ୟକଳାପ ନିମନ୍ତେ Land Bank ପ୍ରସ୍ତୁତ କରିବା ନିମନ୍ତେ ପ୍ରସ୍ତାବିତ ଅଟେ । ମାତ୍ର ଜମିଜମାର କିସମ ଗୋଚର ସହ ସରକାରୀ ରକ୍ଷିତ ଖାତାରେ ଲିପିବଦ୍ଧ ହୋଇଥିବା ହେତୁ, ଜମିଜମାକୁ ପ୍ରସ୍ତାବିତ ଆବେଦନକାରୀ ତଥା ବିଭାଗ ନାମରେ OGLS କେସ ଆଧାରରେ settle କରିବା ନିମନ୍ତେ ଉକ୍ତ ଅପସାରଣ ମାମଲା ମାଧ୍ୟମରେ କିସମ ପତିତକୁ ପରିବର୍ତ୍ତନ କରିବା ସହ ଆବାଦ ଯୋଗ୍ୟ ଅନାବାଦି ଖାତାରେ ରେକର୍ଡ କରିବା ନିମନ୍ତେ ଆବଶ୍ୟକ ହେଉଅଛି ।

ଉପରୋକ୍ତ ପ୍ରସଙ୍ଗରେ ଯଦି ପ୍ରସ୍ତାବିତ ଜମିଜମାର କିସମ ଓ ସତ୍ତ୍ୱ ପରିବର୍ତ୍ତନରେ ଆପଣଙ୍କର କୌଣସି ଆଇନ ସମ୍ମତ ଆପତ୍ତି କିମ୍ବା ଅଭିଯୋଗ ଥାଏ ତେବେ ଉକ୍ତ ବିଜ୍ଞପ୍ତି ପ୍ରସାରଣ ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜିଲାସରେ ହାଜର ହୋଇ ଟ ୨୦.୦୦ ଙ୍କାର କୋର୍ଟ ଫୀ ଲଗାଇ ଆବଶ୍ୟକୀୟ ଅଭିଯୋଗ ପତ୍ର ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖ ଗତେ କାହାର କୌଣସି ଅଭିଯୋଗକୁ ବିଚାର କୁ ନିଆନଯାଇ ଆଇନି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**Land Schedule**

| ଜିଲ୍ଲାର ନାମ | ଥାନା ନାମ ଏବଂ ସଂଖ୍ୟା | ମୌଜା ର ନାମ | ଖାତା ନଂ | ପ୍ଲଟ ନଂ | ବର୍ଣନା | ଖତିଆନ ରେ ଲିପିବଦ୍ଧ ପ୍ଲଟ ର ସମ୍ପୂର୍ଣ ରକବା | ଆବେଦନ କରିଥିବା ଜମି ର ପରିମାଣ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦ୍ରାପଡ଼ା | ଡେରାବିଶ-୨୭ | ବଳଭଦ୍ରପୁର | ୧୪୧୮ (ରକ୍ଷିତ) | ୩୧୩୫ | ଗୋଚର | ଏ ୦.୧୦୦ ଡି | ଏ ୦.୦୫୫ ଡି | |

ସ୍ୱାକ୍ଷର
୨୮.୨.୨୨

ତହସିଲଦାର, ଡେରାବିଶ

TAHASILDAR
DERABISH

ଜ୍ଞାପକ ସଂଖ୍ୟା: ୪୮୮୦ / ତା ୩୦.୨.୨୨ ରିଖ

ଏହାର ଏକକିତା ନକଲ DeGM, Kendrapara ଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ଜିଲ୍ଲା Website ମାଧ୍ୟମରେ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ବଳଭଦ୍ରପୁର/ ସରପଞ୍ଚ, ଲକ୍ଷ୍ମୀନାରାୟଣପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ତାଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଗାଇବା ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ସ୍ୱାକ୍ଷର
୨୮.୨.୨୨

ତହସିଲଦାର, ଡେରାବିଶ

TAHASILDAR
DERABISH